ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/AgFE(Od)/504/02-07-2024**

## କୃଷି ବିଭାଗର ବିଭିନ୍ନ ଯୋଜନାର କାର୍ଯ୍ୟକାରିତା, ସଫଳ ରୂପାୟନ ଏବଂ ଏ ସଂପର୍କରେ ତଥ୍ୟ ହାସଲ ନିମନ୍ତେ ନୋଡାଲ ଅଧିକାରୀ ନିୟୋଜିତ

## ନୋଡାଲ ଅଧିକାରୀମାନଙ୍କୁ ପ୍ରମୁଖ ଶାସନ ସଚିବଙ୍କ ପତ୍ର

ଭୁବନେଶ୍ୱର, ୦୨/୦୭/୨୦୨୪

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧିନରେ ଚାଲୁଥିବା ବିଭିନ୍ନ ଯୋଜନାଗୁଡ଼ିକର କାର୍ଯ୍ୟକାରିତା, ସଫଳ ରୂପାୟନ ଏବଂ ଏ ସଂପର୍କରେ ତଥ୍ୟ ହାସଲ ନିମନ୍ତେ ବିଭାଗର ନୋଡାଲ ଅଧିକାରୀ ବ୍ୟବସ୍ଥା ବେଶ୍ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି । କୃଷି ବିଭାଗର ବରିଷ୍ଠ ଅଧିକାରୀମାନେ ଗମ୍ଭୀରତାର ସହ ନେଇ ଏ ଦିଗରେ କାର୍ଯ୍ୟ କରିବାକୁ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସମସ୍ତ ନୋଡାଲ୍ ଅଧିକାରୀଙ୍କୁ ପତ୍ର ଲେଖିଛନ୍ତି । ବର୍ତ୍ତମାନ ଖରିଫ ଋତୁ ଜୋରସୋରରେ ଆଗେଇ ଚାଲିଥିବାରୁ ନୋଡାଲ ଅଧିକାରୀମାନଙ୍କ ଦାୟିତ୍ୱ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଗତ ଜୁନ ୨୦୨୪ ବୈଠକରେ ନୋଡାଲ ଅଧିକାରୀମାନେ ନିଜ ନିଜ ଜିଲ୍ଲା ଗସ୍ତ କରି କ୍ଷେତ୍ର ପରିଦର୍ଶନ ରିପୋର୍ଟ ଆସନ୍ତା ଜୁଲାଇ ୧୦ ତାରିଖ ସୁଦ୍ଧା ବିଭାଗର ସ୍ୱତନ୍ତ୍ର ଶାସନ ସଚିବଙ୍କ ନିକଟରେ ଦାଖଲ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଚଳିତ ଖରିଫ ଋତୁରେ କୃଷି ସାମଗ୍ରୀ, ଗୁଣାତ୍ମକ ବିହନ, ସାର, ଋଣ ଏବଂ ଏହାର ଯୋଗାଣକୁ ସୁଗମ କରିବା ପାଇଁ ପ୍ରମୁଖ ଶାସନ ସଚିବ ଡ. ପାଢ଼ୀ ନୋଡାଲ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

ବିଭାଗରେ କିଛି ବରିଷ୍ଠ ଅଧିକାରୀଙ୍କ ବଦଳି ଓ ସ୍ଥାନାନ୍ତର ହେତୁ କିଛି ଜିଲ୍ଲାରେ ନୋଡାଲ୍ ଅଧିକାରୀମାନଙ୍କୁ ପୁନଃବ୍ୟବସ୍ଥିତ କରାଯାଇଛି । ସେମାନେ କ୍ଷେତ୍ରରେ ବିଭିନ୍ନ ସରକାରୀ ଯୋଜନାର ରୂପାୟନ ନିମନ୍ତେ ଜିଲ୍ଲାସ୍ତରରେ ବୈଠକ ଡାକି ସାମଗ୍ରିକ ସ୍ଥିତି ଅନୁଧ୍ୟାନ କରିବେ । ସେମାନଙ୍କ ପରିଦର୍ଶନ ବିବରଣୀ ଏବଂ ଉପଯୁକ୍ତ ଅନୁଧ୍ୟାନ ପାଇଁ ପରାମର୍ଶ ସହିତ ରିପୋର୍ଟ ପ୍ରସ୍ତୁତ କରି ଉପମୁଖ୍ୟମନ୍ତ୍ରୀ ଏବଂ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଇବେ ବୋଲି ପତ୍ରରେ ନିର୍ଦ୍ଦେଶ ଦିଆଯାଇଛି । ଏହି ଆଦେଶନାମାରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ କେଉଁଝର ଓ ଯାଜପୁର ଜିଲ୍ଲା ପାଇଁ ଏବଂ ଉଦ୍ୟାନକୃଷି ନିର୍ଦ୍ଦେଶକ ଶ୍ରୀ ରୋହିତ କୁମାର ଲେଙ୍କା ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲା ପାଇଁ ନୋଡ଼ାଲ ଅଧିକାରୀ ଭାବେ ନିୟୋଜିତ ହୋଇଛନ୍ତି । ସେହିପରି କୃଷି ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀ ଦିଲ୍ଲୀପ କୁମାର ପରିଡ଼ା ବଲାଙ୍ଗିର ଏବଂ ସମ୍ବଲପୁର, ଅତିରିକ୍ତ ସଚିବ ସରିତା ଧନଓ୍ୱାର ଭଦ୍ରକ ଜିଲ୍ଲା ପାଇଁ ନୋଡାଲ୍ ଅଧିକାରୀ ଭାବେ ନିୟୋଜିତ ହୋଇଛନ୍ତି ।

ସରୋଜ କୁମାର ଶତପଥୀ
ସୂଚନା ଅଧିକାରୀ